# ୩୧ ତମ ସପ୍ତାହବ୍ୟାପୀ ପିକକ୍ ଶିଶୁମେଳା ଉଦ୍‌ଘାଟିତ

ଭୁବନେଶ୍ୱର – ଶିଶୁମାନେ ଭବିଷ୍ୟତ ରେ ବଡହେବା ପାଇଁ ସ୍ୱପ୍ନ ଦେଖିବା ଓ ଏହି ସ୍ୱପ୍ନ କୁ ସାକାର କରିବା ଲାଗି ନିରନ୍ତର ନିଜର ପ୍ରୟାସ ଜାରି ରଖିବା ଆବଶ୍ୟକ । ପିତାମାତା, ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ମାନେ ଏଥିପାଇଁ ପ୍ରେରଣା ଯୋଗାଇ ଦେବାକୁ 'ପିକକ୍' ଶିଶୁମେଳାର ଉଦ୍‌ଘାଟନ ସମାରୋହରେ ବିଶିଷ୍ଟ ଅତିଥି ଓ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭା ଓ ଗୁଣାବଳୀ କୁ ପ୍ରୋତ୍ସାହନ ଦେବା ନିମନ୍ତେ ସବୁ ସ୍ତରରେ ଉଦ୍ୟମ ହେବା ଉଚିତ୍ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି ।

୩୧ ତମ ପିକକ୍ ଶିଶୁମେଳା ର ଉଦ୍‌ଘାଟନ ଉତ୍ସବ ଶିଶୁ ଦିବସ ଦିନ ଭୁବନେଶ୍ୱର ରେ ଅନୁଷ୍ଠିତ ହୋଇଯାଇଛି । କୋଭିଡ ମହାମାରୀ ଯୋଗୁଁ ପିଲାମାନ ଙ୍କ ର ସୁରକ୍ଷା କୁ ଦୃଷ୍ଟି ରେ ରଖି ଡିଜିଟାଲ ମଞ୍ଚ ରେ ଶିଶୁମେଳା ର ଉଦ୍‌ଘାଟନ ସମାରୋହ ଆୟୋଜିତ ହୋଇଥିଲା । ଶିଶୁ ମାନଙ୍କ ପାଇଁ କାର୍ଯ୍ୟରତ ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍‌ସ୍ କଲ୍‌ଚରାଲ୍ ସେଣ୍ଟର (ପିକକ୍) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇ ରାଜ୍ୟ ସଂସ୍କୃତି ବିଭାଗ ର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ୍, ପିକକ୍ ର ଶିଶୁ ଅଧିକାର ପ୍ରସାର ପାଇଁ ଗୁଡୱିଲ ଆମ୍ବାସଡର ଭୂମିକା ଦାଶ, ପିକକ୍ ର ଶିଶୁ ମାନଙ୍କର ଖେଳ ଅଧିକାର ପ୍ରସାର ପାଇଁ ଗୁଡୱିଲ ଆମ୍ବାସଡର ଅଂଶିକା ରାଉତରାୟ, ବିଶିଷ୍ଟ କ୍ରିଡାବିତ୍ ଓ ଅଲମ୍ପିଆନ୍ ଅନୁରାଧା ବିଶ୍ୱାଲ ପ୍ରମୁଖ ଙ୍କ ଉପସ୍ଥିତି ରେ ପ୍ରଦୀପ ପ୍ରଜ୍ୱଳନ କରି ପିକକ୍ ର ୩୧ ତମ ସପ୍ତାହବ୍ୟାପୀ ଶିଶୁମେଳା ର ଉଦ୍‌ଘାଟନ କରିଥିଲେ । ବରିଷ୍ଠ ପ୍ରଶାସକ ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ୍ ପିଲାମାନଙ୍କୁ ସ୍ୱାଧିନତା ଦେବା ଉଚିତ୍ ଓ ସ୍ୱାଧିନତା ପାଇଲେ ହିଁ ସେମାନେ ଅଧିକ ଦାଇତ୍ୱ ସମ୍ପନ୍ନ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ।

ପିକକ୍ ର ଶିଶୁମେଳା କମିଟି ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ ଏହି ଉଦ୍‌ଘାଟନ ସମାରୋହ ରେ ସଭାପତିତ୍ୱ କରିଥିଲେ ଓ ଶିଶୁ ମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ପିକକ୍ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟରତ ବୋଲି କହିଥିଲେ। ପିକକ୍ ର ସମ୍ପାଦକ ଶ୍ରୀଯୁକ୍ତ ରଞ୍ଜନ କୁମାର ମହାନ୍ତି, ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ସପ୍ତାହବ୍ୟାପି କାର୍ଯକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ବାତାବରଣ ଓ ଆନନ୍ଦମୟ ଶୈଶବ ସୁନିଶ୍ଚିତ କରିବା ସମସ୍ତଙ୍କ ର ଦାଇତ୍ୱ ବୋଲି ସେ କହିଥିଲେ। ପିକକ୍ ର ଅଧକ୍ଷା ମିନାକ୍ଷୀ ପଣ୍ଡା ମଧ ଉଦ୍‌ଘାଟନ ସମାରୋହ ରେ ଯୋଗ ଦେଇ ପିଲାମାନଙ୍କୁ କୋଭିଡ୍ ପରିସ୍ଥିତି ରେ ଧର୍ଯ୍ୟ ନ ହରାଇ ନିଜକୁ ସୁରକ୍ଷିତ ରଖି ଚଳିବା ପାଇଁ ପରାମର୍ଶ ଦେଇଥିଲେ । ବିଶିଷ୍ଟ ଚଳଚିତ୍ର ଅଭିନେତ୍ରୀ ଭୂମିକା ଦାଶ ପିଲାମାନଙ୍କୁ ନିଜର ଅନ୍ତର୍ନିହିତ ପ୍ରତିଭା ର ବିକାଶ ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ କ୍ରିଡାବିତ୍ ଅଂଶିକା ରାଉତରାୟ ପିଲାମାନ ଙ୍କୁ ନିଜକୁ ସୁରକ୍ଷିତ ରଖିବା ଓ ନିଜର ସ୍ୱପ୍ନକୁ ସାକାର କରିବା ଉପରେ ଗୁରୁତ୍ୱୋରାପ କରିଥିଲେ । ଅନ୍ୟମାନ ଙ୍କ ମଧରେ ଅଲମ୍ପିଆନ୍ ଅନୁରାଧା ବିଶ୍ୱାଲ ସବୁ ଶିଶୁଙ୍କ ମୁହଁରେ ହସ ଫୁଟାଇବା ପାଇଁ ଆମେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ ମତ ରଖିଥିଲେ। ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତୀ ଅନୁରାଧା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ପିକକ୍ ର ରତ୍ନା ଦାଶ, ଜ୍ୟୋତିଶଙ୍କର ମହାନ୍ତି, ପ୍ରଶାନ୍ତ କୁମାର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ୨୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ପିକକ୍ ଶିଶୁମେଳା ରେ ଅନୁଷ୍ଠିତ ହେଉଥିବା ସମସ୍ତ ପ୍ରତିଯୋଗୀତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ପିକକ୍ ର ଫେସ୍‌ବୁକ୍ ପେଜ୍ (@pecucodisha)ରେ ନଭେମ୍ବର ୧୪ ରୁ ଆରମ୍ଭ କରି ନଭେମ୍ବର ୨୦ ତାରିଖ ପ୍ରର୍ଯ୍ୟନ୍ତ ପ୍ରତ୍ୟକ ଦିନ ସଂଧ୍ୟା ୬:୩୦ ରେ ଫେସ୍‌ବୁକ୍ ଲାଇଭ କରାଯିବ ଓ ବିଭିନ୍ନ ପ୍ରତିଯୋଗୀତା ର ଫଳାଫଳ କୁ ଘୋଷଣା କରାଯିବ । ପ୍ରତିଯୋଗୀତାରେ ବିଜୟୀ ହୋଇଥିବା ପ୍ରତିଯୋଗୀମାନଙ୍କ ପୁରସ୍କାର ଓ ସାର୍ଟିଫିକେଟ୍ କୁ ଡାକ ଯୋଗେ ସେମାନଙ୍କ ଠିକଣା କୁ ପଠାଇ ଦିଆଯିବ। ନଭେମ୍ବର ୨୦ ତାରିଖ ଦିନ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପିକକ ର ବାର୍ଷିକ ସମ୍ମାନ ପ୍ରଦାନ କରାଯିବ ।